ପ୍ରଗତିବାଦୀ ମଙ୍ଗଳବାର ମାର୍ଚ୍ଚ ୨୯, ୨୦୧୧

# ବୟସ୍କ ଲୋକଙ୍କ ଅଧିକାର ପାଇଁ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ




**ଭୁବନେଶ୍ୱର,ତା୨୮।୩(ପିଏନ୍‌ଏସ୍‌):** ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପିକକ ଆନୁକୁଲ୍ୟରେ ଏବଂ ହେଲେପ ଏଜ୍ ଇଣ୍ଡିଆ ମିଳିତ ଉଦ୍ୟମରେ ବୟସ୍କ ଲୋକଙ୍କ ଅଧିକାର ସମ୍ପର୍କୀୟ ଏକ କର୍ମଶାଳା ରେଡ୍‌କ୍ରସ ଭବନ ଭୁବନେଶ୍ୱର ଠାରେ ପିକକର ଅଧକ୍ଷା ଶ୍ରୀମତୀ ଆଦରମଣୀ ବରାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇପାରିଛି।

ପିକକର କାର୍ଯ୍ୟକ୍ରମ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି, ଉପସ୍ଥିତ ସମସ୍ତ ଅତିଥି ଏବଂ ପ୍ରତିନିଧିମାନଙ୍କୁ ସ୍ୱାଗତ କରିଥିଲେ ଏବଂ କର୍ମଶାଳା ସଂପର୍କୀତ ଭିତ୍ତିପତ୍ର ଉପସ୍ଥାପନ କରିଥିଲେ ସେ କହିଥିଲେ ବୟସ୍କ ଲୋକମାନଙ୍କ ମୁଖ୍ୟତଃ ତିନୋଟି ଅଧିକାର ଯଥା ସୁରକ୍ଷା ଅଧିକାର, ଅଂଶଗ୍ରହଣ ଅଧିକାର ଏବଂ ଆତ୍ମମର୍ଯ୍ୟାଦାର ଅଧିକାର ସମସ୍ତ ବ୍ୟକ୍ତି ସେମାନଙ୍କର ବୟସ୍କ ପିତାମାତାଙ୍କ ଆବଶ୍ୟକତା, ପରିଚର୍ଯ୍ୟା ଓ ସୁରକ୍ଷା ପାଇଁ ଯତ୍ନବାନ ହେବା ଉଚିତ।

ଏହାପରେ ଉପସ୍ଥିତ ବୟସ୍କ ବ୍ୟକ୍ତିମାନେ ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ ହେଲପେଜ ଇଣ୍ଡିଆର କାର୍ଯ୍ୟକ୍ରମ ପରିଚାଳକ ଶ୍ରୀ ପଞ୍ଚାନନ ପ୍ରଧାନ କହିଲେ ପ୍ରତ୍ୟେକ ବ୍ୟକ୍ତି ବୟସ୍କ ଲୋକଙ୍କ ଅଧିକାର ସଂପର୍କରେ ସଚେତନ ହେଲେ ତାହା ସୁରକ୍ଷିତ ରହିପାରିବ।

ଓଡ଼ିଶା ରାଜ୍ୟ ସମାଜ ମଙ୍ଗଳ ପରିଷଦର ଅଧକ୍ଷା ସୁଲତା ଦେଓ ପ୍ରମୁଖ ଉପସ୍ଥିତଥିଲେ। ବରିଷ୍ଠ ଆଇନଜୀବି ବିକାଶ ଦାସ ବୟସ୍କ ଲୋକଙ୍କ ଅଧିକାର ଆଇନ ୨୦୦୭ ସଂପର୍କରେ ବ୍ୟାପକ ସଚେତନତା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଶେଷରେ ଜୋତି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।